# NATIONAL NEWS BULLETIN (ODIA)
## 01st April - 2024
## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଜିତେନ୍ଦ୍ର କୁମାର ନାୟକ**

## ମୁଖ୍ୟ ସମ୍ବାଦ

- ଆର୍.ବି.ଆଇ.ର ୯୦ତମ ପ୍ରତିଷ୍ଠା ସମାରୋହରେ ଯୋଗ ଦେବାକୁ ଆଜି ଦିନିକିଆ ଗସ୍ତରେ ମୁମ୍ବାଇ ଯାଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।
- ନିର୍ବାଚନ ସମୟରେ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ବିଷୟରେ ଜଣାଇବା ଲାଗି ନାଗରିକମାନଙ୍କପାଇଁ ଭାରତର ନିର୍ବାଚନ କମିଶନ ଅନ୍‌ଲାଇନ୍ ଆପ୍ 'ସି-ଭିଜିଲ୍'ର ଶୁଭାରମ୍ଭ କରିଛନ୍ତି ।
- ଆସାମର ପ୍ରଥମ ପର୍ଯ୍ୟାୟ ମତଦାନ ଲାଗି ଆଜିଠାରୁ ଇ.ଭି.ଏମ୍.ଗୁଡ଼ିକର ଦ୍ୱିତୀୟ ପର୍ଯ୍ୟାୟ ଯାଞ୍ଚ କାର୍ଯ୍ୟ କରାଯିବ ।
- ଓଡ଼ିଶା ଆଜି ପାଳନ କରୁଛି ୮୮ତମ ଉତ୍କଳ ଦିବସ ।

ଏବଂ

- ତ୍ରୟୋଦଶ ଆଇ.ପି.ଏଲ୍. କ୍ରିକେଟ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ୍’ ଚେନ୍ନାଇ ସୁପର କିଙ୍ଗ୍‌ସକୁ ୨୦ ରନ୍‌ରେ ପରାସ୍ତ କରିଛି ।

— ଆଜି ସନ୍ଧ୍ୟାରେ ମୁମ୍ବାଇର ୱାଖେଡ୍ ଷ୍ଟାଡିୟମ୍‌ରେ ମୁମ୍ବାଇ ଇଣ୍ଡିଆନ୍ ଓ ରାଜସ୍ଥାନ ରୟାଲ୍‌ସ୍ ମଧ୍ୟରେ ହେବ ମୁକାବିଲା ।

## ପି.ଏମ୍. - ମୁମ୍ବାଇ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦିନିକିଆ ମୁମ୍ବାଇ ଗସ୍ତରେ ଯାଉଛନ୍ତି । ସେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ - ଆର୍.ବି.ଆଇ.ର ୯୦ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏଥିରେ କେନ୍ଦ୍ର ଅର୍ଥ ତଥା କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ, ଅର୍ଥ ରାଷ୍ଟ୍ରମନ୍ତ୍ରୀ ଭଗୱତ୍ କିଶନ୍‌ରାଓ କରାଡ ଏବଂ ପଙ୍କଜ ଚୌଧୁରୀ ଉପସ୍ଥିତ ରହିବେ । ଏହି କାର୍ଯ୍ୟକ୍ରମରେ ଆର୍.ବି.ଆଇ. ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଉଦ୍‌ବୋଧନ ଦେବେ ।

ସୂଚନାଯୋଗ୍ୟ, ୧୯୩୫ ମସିହା ଏପ୍ରିଲ୍ ପହିଲାରେ ଆର୍.ବି.ଆଇ. ପ୍ରତିଷ୍ଠା ହୋଇଥିଲା । ଏହି ଅବସରରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ ଓ ଅଜିତ ପାୱାର, ବିଭିନ୍ନ ବ୍ୟାଙ୍କ୍ ଏବଂ ଶିଳ୍ପସଂସ୍ଥାର ପ୍ରତିନିଧିମାନେ ଯୋଗଦେବେ ।

# ଜେ.କେ. - ଏମ୍.ସି.ସି. ଭାଇଲେସନ୍ସ

ନିର୍ବାଚନ ସମୟରେ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ବିଷୟରେ ଜଣାଇବା ଲାଗି ନାଗରିକମାନଙ୍କପାଇଁ ଭାରତର ନିର୍ବାଚନ କମିଶନର୍ ଅନ୍‌ଲାଇନ୍ ଆପ୍ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ଆମ ଜମ୍ମୁ ସମ୍ବାଦଦାତା ଜଣାଇଛନ୍ତି, ଏହି ଆପ୍‌ର ନାମ ରଖାଯାଇଛି 'ସି-ଭିଜିଲ୍' । ଏହା ମାଧ୍ୟମରେ ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା ଲାଗି ନାଗରିକମାନେ ସକ୍ରିୟ ଓ ଦାୟିତ୍ୱସମ୍ପନ୍ନ ହୋଇପାରିବେ । ସେମାନେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ହେଉଥିବା ଦେଖିବାମାତ୍ରେ କିଛି ମିନିଟ୍ ମଧ୍ୟରେ 'ସି-ଭିଜିଲ୍'କୁ ତୁରନ୍ତ ଜଣାଇପାରିବେ । ନାଗରିକମାନଙ୍କୁ ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟକୁ ଯିବାକୁ ପଡ଼ିବ ନାହିଁ । 'ସି-ଭିଜିଲ୍'ରେ ଥରେ ଏ ସଂକ୍ରାନ୍ତରେ ରିପୋର୍ଟ ମିଳିବା ପରେ ଫ୍ଲାଇଙ୍ଗ୍ ସ୍କ୍ୱାଡ୍‌ମାନେ ତଦନ୍ତ ଆରମ୍ଭ କରିବେ । ପଞ୍ଜିକୃତ ଅଭିଯୋଗର ଷ୍ଟାଟସ୍ ନାଗରିକମାନେ ଟ୍ରାକ୍ କରିପାରିବେ ଏବଂ ସେମାନଙ୍କର ନାମକୁ ଗୋପନ ରଖାଯିବ ବୋଲି ଏଥିରେ ବ୍ୟବସ୍ଥା ରହିଛି । ନାଗରିକମାନେ କେବଳ ନିର୍ବାଚନ ଆଦର୍ଶ ଆଚରଣ ବିଧି ସମ୍ବନ୍ଧୀୟ ଘଟଣାରେ ଏହି ଆପ୍‌କୁ ବ୍ୟବହାର କରିପାରିବେ । ତେବେ ଅନ୍ୟାନ୍ୟ ଅଭିଯୋଗଗୁଡ଼ିକୁ ମୋବାଇଲ୍ ଆପ୍ କିମ୍ବା ଇ.ସି.ଆଇ. ସିଟିଜେନ୍ ସର୍ଭିସେସ୍ ୱେବ୍‌ସାଇଟକୁ ବ୍ୟବହାର କରି ତା'ର ସୁବିଧା ନେଇପାରିବେ । ଅଧିକ ସୂଚନା ଜାଣିବାପାଇଁ ନିର୍ବାଚନ

କମିଶନରଙ୍କ ୱେବ୍‌ସାଇଟ୍ www.eci.gov.inକୁ ବ୍ୟବହାର କରିବା ଲାଗି ଉତ୍ସାହିତ କରାଯାଉଛି । ଏହି ସୁବିଧା ଉଭୟ ଆଣ୍ଡ୍ରଏଡ୍ ଏବଂ ଆଇ.ଓ.ସି. ମୋବାଇଲ୍‌ରେ ଉପଲବ୍ଧ ହେବ ।

## ଭାରତରତ୍ନ - ଆଡ଼ଭାନୀ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନରେ ସମ୍ମାନିତ କରିଛନ୍ତି । ଶ୍ରୀ ଆଡଭାନୀଙ୍କୁ ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ରାଷ୍ଟ୍ରପତି ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ଶ୍ରୀ ଆଡ଼ଭାନୀଙ୍କ ପରିବାରର ସଦସ୍ୟଗଣ ସମ୍ମାନ ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ଲାଲକୃଷ୍ଣ ଆଡଭାନୀ ସାତ ଦଶନ୍ଧିରୁ ଅଧିକ ସମୟ ଧରି ଦେଶ ପାଇଁ ଅତୁଟ ନିଷ୍ଠା ଏବଂ ଅସାଧାରଣ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ୧୯୨୭ ମସିହାରେ କରାଚିରେ ଜନ୍ମଗ୍ରହଣ କରିଥିବା ଶ୍ରୀ ଆଡଭାନୀ ୧୯୪୭ ମସିହାରେ ଦେଶ ବିଭାଜନ

ସମୟରେ ଭାରତ ଆସିଥିଲେ। ସେ କହିଛନ୍ତି, ସାଂସ୍କୃତିକ ଜାତୀୟତାବାଦର ଦୃଷ୍ଟିକୋଣରେ ଶ୍ରୀ ଆଡଭାନୀ ସାରା ଦେଶରେ ଦଶନ୍ଧି ଧରି କଠିନ ପରିଶ୍ରମ କରିଥିଲେ ଏବଂ ସାମାଜିକ ଓ ରାଜନୈତିକ ଦୃଶ୍ୟପଟରେ ଅନେକ ପରିବର୍ତ୍ତନ ଆଣିଥିଲେ । ରାଷ୍ଟ୍ରପତି କହିଛନ୍ତି, ଜରୁରୀକାଳୀନ ପରିସ୍ଥିତି ସମୟରେ ତାଙ୍କ ଭିତରେ ଥିବା ଅଦମ୍ୟ ସାହସ ଏକଛତ୍ରବାଦୀ ଶକ୍ତିଠାରୁ ଭାରତକୁ ରକ୍ଷା କରିବାରେ ସାହାଯ୍ୟ କରିଥିଲା ।

ରାଷ୍ଟ୍ରପତି କହିଛନ୍ତି, ସ୍ୱରାଷ୍ଟ୍ରମନ୍ତ୍ରୀ ଓ ଉପପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିବା ସମୟରେ ସେ ସର୍ବଦା ଜାତୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥିଲେ । ସଂସଦରେ ବିଭିନ୍ନ ପ୍ରସଙ୍ଗରେ ତାଙ୍କର ସୁଚିନ୍ତିତ ମତାମତ ମାଧ୍ୟମରେ ସେ ଦଳମତ ନିର୍ବିଶେଷରେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ । ସେ କହିଛନ୍ତି, ତାଙ୍କର ନିରବଚ୍ଛିନ୍ନ ଉଦ୍ୟମ ଏବଂ ସାଂସ୍କୃତିକ ବୈଭବର ପୁନରୁତ୍ଥାନ ଦିଗରେ ସେ ନେଇଥିବା ପଦକ୍ଷେପ ଯୋଗୁ ଚଳିତବର୍ଷ ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା ସମ୍ଭବ ହୋଇପାରିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ଶ୍ରୀ ଆଡ଼ଭାନୀଙ୍କୁ ଭାରତରତ୍ନରେ ସମ୍ମାନିତ କରାଯିବା ଏକ ଉଲ୍ଲେଖନୀୟ ବିଷୟ । ଏହାଦ୍ୱାରା ଦେଶପାଇଁ ସେ କରିଥିବା କାର୍ଯ୍ୟକୁ ସ୍ୱୀକୃତି ମିଳିଛି । ଏଭଳି ଜଣେ ବ୍ୟକ୍ତିଙ୍କ ସହ ବିଗତ ଦଶନ୍ଧି ଧରି କାମ କରିବାର ସୁଯୋଗ ପାଇଥିବାରୁ ସେ ନିଜକୁ ଧନ୍ୟ ମନେ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଆସାମ ପୋଲ୍

ଆସାମର ପ୍ରଥମ ପର୍ଯ୍ୟାୟ ମତଦାନ ଲାଗି ଆଜିଠାରୁ ଇ.ଭି.ଏମ୍.ଗୁଡ଼ିକର ଦ୍ୱିତୀୟ ପର୍ଯ୍ୟାୟ ଯାଞ୍ଚ କାର୍ଯ୍ୟ କରାଯିବ । ଏହାପରେ ଭୋଟ୍‌ଗ୍ରହଣ କେନ୍ଦ୍ରଗୁଡ଼ିକରେ ଇ.ଭି.ଏମ୍. ସହ ଭି.ପି.ପାଟ୍‌କୁ ସଂଲଗ୍ନ କରାଯିବ । ଆମ ସମ୍ବାଦଦାତା ଜଣାଇଛନ୍ତି, ଏହି ପ୍ରକ୍ରିୟା ନିର୍ବାଚନ ପର୍ଯ୍ୟବେକ୍ଷକ ଓ ପ୍ରାର୍ଥୀମାନଙ୍କ ଉପସ୍ଥିତିରେ ଏଇ.ଏମ୍.ଏସ୍. ସଫ୍ଟୱେର୍ ମାଧ୍ୟମରେ ସମ୍ପନ୍ନ ହେବ । ଆସାମର ଜୋର୍‌ହାଟ୍, ଦିବ୍ରୁଗଡ଼, ସୋନିତ୍‌ପୁର, କାଜିରଙ୍ଗା ଏବଂ ଲଖିମ୍‌ପୁରଠାରେ ପ୍ରଥମ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ ।

## କି କନ୍‌ଷ୍ଟିଚୁଏନ୍ସି - ମୁଜାଫରନଗର

ଉତ୍ତର ପ୍ରଦେଶରେ ପ୍ରଥମ ପର୍ଯ୍ୟାୟରେ ୮ଟି ଲୋକସଭା ଆସନପାଇଁ ମତଦାନ ହେବ । ଏଥିରେ ବହୁଚର୍ଚ୍ଚିତ ମୁଜାଫରନଗରରୁ ବି.ଜେ.ପି. ପ୍ରାର୍ଥୀଭାବେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ସଞ୍ଜୀବ ବାଲିୟାନ୍ କ୍ରମାଗତ ତୃତୀୟ ଥରପାଇଁ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି । ସେ ସେଠାରୁ ଦୁଇଥର ସାଂସଦ ରହିଆସିଛନ୍ତି । ଏହି ସଂସଦୀୟ କ୍ଷେତ୍ରରୁ ସମାଜବାଦୀ ପାର୍ଟିର ପୂର୍ବତନ

ସାଂସଦ ହରେନ୍ଦ୍ର ମଲିକ ଏବଂ ବହୁଜନସମାଜ ପାର୍ଟିର ଦାରା ସିଂହ ପ୍ରଜାପତି ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି । ଏଥିରେ ୮ ଜଣ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଅପୋଜିସନ ର୍‍ୟାଲି - ବି.ଜେ.ପି.

ନୂଆଦିଲ୍ଲୀର ରାମଲୀଳା ମଇଦାନଠାରେ ବିରୋଧୀ ଇଣ୍ଡିଆନ ନ୍ୟାସନାଲ ଡେଭଲପମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ - I.N.D.I.A. ପକ୍ଷରୁ ଏକ ମହାସମାବେଶ ଆୟୋଜିତ ହୋଇଯାଇଛି । ଏଥିରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଗିରଫ ସମେତ ବିଭିନ୍ନ ପ୍ରସଙ୍ଗ ଉତ୍‌ଥାପନ କରାଇଥିଲା । ସମାବେଶରେ ଯୋଗଦେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ କେନ୍ଦ୍ର ସରକାର ବିଭିନ୍ନ କେନ୍ଦ୍ରୀୟ ସଂସ୍ଥାକୁ ବିରୋଧୀ ନେତାଙ୍କ ବିରୋଧରେ ଉପଯୋଗ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ । ସେ କହିଛନ୍ତି, ଆଗାମୀ ନିର୍ବାଚନ ଏହାର ଉତ୍ତର ଦେବ । ଦେଶର ଗଣତନ୍ତ୍ର, ସମ୍ବିଧାନକୁ ରକ୍ଷା କରିବା ଦିଗରେ ସମସ୍ତେ ଏକାଠି ମିଳିମିଶି କାର୍ଯ୍ୟ କରିବାକୁ ଶ୍ରୀ ଖଡ୍‌ଗେ ଆହ୍ୱାନ ଦେଇଛନ୍ତି ।

ଏଥିରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସର ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ଆପ୍ ନେତା ତଥା ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍, ଜେଲ୍‌ରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିଓ୍ୱାଲ୍‌ଙ୍କ ପତ୍ନୀ ସୁନୀତା କେଜରିଓ୍ୱାଲ୍, ଜେ.ଏମ୍.ଏମ୍. ନେତା ତଥା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପେଇ ସୋରେନ୍, ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ପତ୍ନୀ କଳ୍ପନା ସୋରେନ, ସି.ପି.ଆଇ. ନେତା ସୀତାରାମ ୟେଚୁରୀ, ସି.ପି.ଆଇ. ସାଧାରଣ ସମ୍ପାଦକ ଡି. ରାଜା, ଶିବସେନା ୟୁ.ବି.ଟି. ନେତା ଉଦ୍ଧବ ଠାକ୍‌ରେ, ଏନ୍.ସି.ପି. ଏସ୍.ସି.ପି. ନେତା ଶରଦ ପାଓ୍ୱାର, ଆର୍.ଜେ.ଡି. ନେତା ତେଜସ୍ୱୀ ଯାଦବ, ନ୍ୟାସନାଲ୍ କନ୍‌ଫରେନ୍ସ ନେତା ଫାରୁକ୍ ଅବଦୁଲ୍ଲା, ପି.ଡି.ପି.ର ମେହବୁମା ମୁଫ୍‌ତି, ସମାଜବାଦୀ ପାର୍ଟିର ଅଖିଲେଶ ଯାଦବ ଏବଂ ତୃଣମୂଳ କଂଗ୍ରେସ ନେତା ଡେରେକ୍ ଓ’ ବ୍ରାଇନ୍ ପ୍ରମୁଖ ଏହି ସମାବେଶରେ ଯୋଗ ଦେଇଥିଲେ ।

ସୂଚନାଯୋଗ୍ୟ, ଚଳିତ ବର୍ଷ I.N.D.I.A. ମେଣ୍ଟର ଏହା ପ୍ରଥମ ଜନସଭା । ଗତବର୍ଷ ଜୁନ୍‌ରେ ପାଟନାଠାରେ ଏହି ମେଣ୍ଟର ଏକ ସଭା ଅନୁଷ୍ଠିତ ହୋଇଥିଲା ।

ଭାରତୀୟ ଜନତା ପାର୍ଟି ଏହି ସମାବେଶକୁ ‘ପରିବାର ବଞ୍ଚାଅ ଏବଂ ଦୁର୍ନୀତି ଲୁଚାଅ’ ର୍‍ୟାଲି ଭାବେ ଅଭିହିତ କରିଛି । ଦଳ ପକ୍ଷରୁ କୁହାଯାଇଛି, ଏହି ସମାବେଶ ଗଣତନ୍ତ୍ରକୁ ନୁହେଁ, ବ୍ୟକ୍ତିଗତ ସ୍ୱାର୍ଥକୁ ସୁରକ୍ଷା ଦେବାଲାଗି ଆୟୋଜନ କରାଯାଇଛି ।

# ଉତ୍କଳ ଦିବସ

ଓଡ଼ିଶାରେ ଆଜି ପାଳିତ ହେଉଛି ଉତ୍କଳ ଦିବସ । ୧୯୩୬ ମସିହା ଏପ୍ରିଲ ମାସ ଆଜିର ଦିନରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ଗଠନ କରାଯାଇଥିଲା । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଆଜି ଗର୍ବ ଏବଂ ଗୌରବର ଦିନ । ପୃଥିବୀର ୨୦ଟି ସମୃଦ୍ଧ ସଭ୍ୟ ଓ ସୃଜନଶୀଳ ଭାଷା ମଧ୍ୟରୁ ଓଡ଼ିଆ ଭାଷା ଗୋଟିଏ ।  ଓଡ଼ିଆ ଭାଷା ତା'ର କଳା, ସଂସ୍କୃତି, ଐତିହ୍ୟ ଏବଂ ଭାସ୍କର୍ଯ୍ୟରେ ପରିପୂର୍ଣ୍ଣ ଇତିହାସକୁ ନେଇ ବିଶ୍ୱରେ ଖ୍ୟାତିଲାଭ କରିଛି । ପରାଧୀନ ଶୃଙ୍ଖଳରୁ ମୁକ୍ତ ହୋଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କଠାରୁ ଆରମ୍ଭ କରି ସ୍ୱଭାବକବି ଗଙ୍ଗାଧର ମେହେର, କର୍ମବୀର ଗୌରୀଶଙ୍କର ରାୟଙ୍କ ପର୍ଯ୍ୟନ୍ତ ମହାନ୍ ବ୍ୟକ୍ତିତ୍ୱଙ୍କର ଓଡ଼ିଆ ଭାଷା, ସାହିତ୍ୟ ସହିତ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ୧୯୫୪ ମସିହାରେ ଭାଷା ଆଇନ୍ ସଂଶୋଧିତ ହୋଇ ଓଡ଼ିଆ ଭାଷା ସରକାରୀ ଭାଷାର ମାନ୍ୟତା ପାଇଥିଲା ।

ଉତ୍କଳ ଦିବସ ସମାରୋହ ପାଳନ ଅବସରରେ ରାଜ୍ୟପାଳ ରଘୁବର ଦାସ ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଏବଂ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା

ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କର ବାର୍ତ୍ତାରେ ଓଡ଼ିଶାର ଅସ୍ମିତା ଓ ସ୍ୱାଭିମାନକୁ ସୁରକ୍ଷିତ ରଖିବା ସହ ସଂସ୍କୃତିକୁ ଅଧିକରୁ ଅଧିକ ଉନ୍ନତି କରିବା ପାଇଁ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଏହି ଅବସରରେ ଆଜି ଭୁବନେଶ୍ୱରର ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସଂଧ୍ୟା ୬ଟା ସମୟରେ ଆୟୋଜନ ହେବାକୁଥିବା କାର୍ଯ୍ୟକ୍ରମ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜନ କରାଯାଇଛି । ଏହି ଅବସରରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ ସହ ସକାଳ ସାଢ଼େ ୧୦ଟାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଛି ।

## ଆଇ.ପି.ଏଲ୍. ରେଜଲ୍ଟ୍

ବିଶାଖାପଟ୍ଟନମ୍‌ର ୱାଇ.ଏସ୍. ରାଜଶେଖର ରେଡ୍ଡୀ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ତ୍ରୟୋଦଶ ଆଇ.ପି.ଏଲ୍. ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ୍’ ଚେନ୍ନାଇ ସୁପର କିଙ୍ଗ୍‌ସକୁ ୨୦ ରନ୍‌ରେ ପରାସ୍ତ କରିଛି ।

୧୯୨ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଚେନ୍ନାଇ ସୁପର କିଙ୍ଗ୍‌ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ୱିକେଟ୍ ହରାଇ ମାତ୍ର ୧୭୧ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା । ଚେନ୍ନାଇ ସୁପର କିଙ୍ଗ୍‌ସର ଆଜିଙ୍କ୍ୟ ରାହାଣେ ୪୫ ରନ୍ କରିଥିବାବେଳେ ଏମ୍.ଏସ୍. ଧୋନି ୩୭ ରନ୍ କରି ଅପରାଜିତ ଥିଲେ । ଦିଲ୍ଲୀ କ୍ୟାପିଟାଲ୍‌ସ ପକ୍ଷରୁ ମୁକେଶ କୁମାର ୩ଟି ୱିକେଟ୍ ନେଇଥିବାବେଳେ ଖଲିଲ୍ ଅହମ୍ମଦ ୪ ଓଭର୍‌ରେ ୨ଟି ୱିକେଟ୍ ନେଇ ମାତ୍ର ୨୧ ରନ୍ ଦେଇଥିଲେ ।

ଦିଲ୍ଲୀ କ୍ୟାପିଟାଲ୍‌ସ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିଥିଲା । ଡେଭିଡ୍ ୱାର୍ଣ୍ଣର୍ ସର୍ବାଧିକ ୫୨ ରନ୍ ସଂଗ୍ରହ କରିଥିବାବେଳେ ୱିକେଟ୍ ରକ୍ଷକ ରିଷଭ୍ ପନ୍ଥ ୫୧ ରନ୍ ହାସଲ କରିଥିଲେ । ଚେନ୍ନାଇ ସୁପର କିଙ୍ଗସ୍ ପକ୍ଷରୁ ମାଥିସା ପାଥିରାନା ୩ଟି ୱିକେଟ୍ ନେଇଥିବାବେଳେ ଖଲିଲ୍ ଅହମ୍ମଦଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଆଜି ସନ୍ଧ୍ୟା ସାଢ଼େ ୭ଟାରେ ମୁମ୍ବାଇର ୱାଖେଡ୍ ଷ୍ଟାଡିୟମ୍‌ରେ ମୁମ୍ବାଇ ଇଣ୍ଡିଆନ୍ ଓ ରାଜସ୍ଥାନ ରୟାଲ୍‌ସ୍ ମଧ୍ୟରେ ମୁକାବିଲା ହେବ ।

*****